ANNUAL REPORT - ONE STOP CENTER - CUTTACK

ପ୍ରଥମ ବର୍ଷ ◆ ପ୍ରଥମ ସଂଖ୍ୟା ◆ ମାର୍ଚ୍ଚ ୨୦୧୯ - ଫେବୃୟାରୀ ୨୦୨୦



**Sri Bhabani Shankar Chayani**
Collector & District Magistrate
Cuttack, Odisha

Tel- 0671-2508100 (O) / 2301001 (R)
Fax- 0671-2301103
E-mail : dm-ctc@ori.nic.in

# MESSAGE

I am glad to know that One Stop Centre-Sakhi initiative by Institute for Social Development in collaboration with SCB Medical College & Hospital, Cuttack is going to bring out its Annual Report on the occasion of International Women's Day, 2020.

This One Stop Centre aims to serve those women facing any kind of violence due to attempted sexual harassment, domestic violence, trafficking, acid attacks with specialised services including emergency response and rescue, medical assistance, counselling, legal aid and shelter home. The staff of Sakhi relentlessly working towards providing various support services to the violence affected women. ISD has been rendering a great service in the field of social upliftment and empowerment of women.

I congratulate all those associated with Sakhi in this noble endeavour.

Bhabani Shankar Chayani
(Collector, Cuttack)

Supported By
Ministry of Women and Child Development, Government of India



# ସମ୍ପାଦକୀୟ.......



**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେ   (ଆଇ.ଏସ୍.ଡି)

ଯୁଗ ବଦଳିଗଲାଣି ହେଲେ ମଣିଷର ସଂକୀର୍ଣ୍ଣ ମନୋଭାବ ଏବଂ ଚିନ୍ତାଧାରା ବଦଳି ପାରିନାହିଁ। ନାରୀକୁ ଏକ ସ୍ୱାର୍ଥ ହାସଲ କରିବା ବସ୍ତୁ ରୂପରେ ଦେଖି ଆସୁଛି ଆମ ସମାଜ। ସ୍ୱାର୍ଥ ହାସଲ ନ ହୋଇପାରିଲେ ତା ଉପରେ ବଳ ପ୍ରୟୋଗ କରାଯାଉଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଭେଦଭାବର ଶୀକାର ହୋଇ ଆସୁଥିବା ନାରୀର ସଂଗ୍ରାମ ସମାଜରେ ହେଉ ବା ନିଜ ପରିବାର ଭିତରେ  ଆଜି ପର୍ଯ୍ୟନ୍ତ ଚାଲିଛି। ପୁରୁଷ ପ୍ରଧାନ ସମାଜରେ ନାରୀ ପ୍ରତି ଯେଉଁ ମନୋଭାବ ରହିଛି ତାହା ତାଙ୍କୁ ଅଧିକ ଉପେକ୍ଷିତ ଜୀବନଯାପନ କରିବାକୁ ବାଧ କରୁଛି। ତଥ୍ୟ ଅନୁଯାୟୀ ପ୍ରତି ୩୪ ମିନିଟରେ ଜଣେ ମହିଳାକୁ ଦୁଷ୍କର୍ମର ଶିକାର ହେବାକୁ ପଡୁଛି। ପ୍ରତି ୪୨ ମିନିଟରେ  ଜଣେ ମହିଳା ଯୌନ ନିର୍ଯ୍ୟାତନାର ଶିକାର ହେଉଛି ଓ ପ୍ରତ୍ୟେକ ୯୩ ମିନିଟରେ ଜଣେ ମହିଳା ମୃତ୍ୟୁବରଣ କରୁଛି। ମହିଳାମାନେ ଯେ ବାହାରେ ହିଂସାର ଶିକାର ହେଉଛନ୍ତି ତା ନୁହେଁ ଘର ଭିତରେ ନିଜର ପରିବାରର ବ୍ୟକ୍ତିମାନଙ୍କ ଦ୍ୱାରା ମଧ ବିଭିନ୍ନ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ଅନେକ ଆଇନଗତ ବ୍ୟବସ୍ଥା ଥିଲେ ମଧ ତାହା କେବଳ କାଗଜ କଲମରେ ସୀମିତ ରହୁଛି। ବିଶେଷକରି ଅନେକ ମହିଳା ତାଙ୍କ ପାଇଁ କଣ ସବୁ ଆଇନ ଅଛି ଓ ଏହି ଆଇନରେ କଣ ସବୁ ବ୍ୟବସ୍ଥା ଅଛି ସେ ବିଷୟରେ କିଛି ଜାଣିନଥିବାର ସ୍ୱୀକାର କରନ୍ତି। ବିଗତ ଏକବର୍ଷ ମଧରେ କଟକ "ସଖୀ" କେନ୍ଦ୍ରରେ ମୋଟ ୧୭୬ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୫୦ ଟି ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ। ଯେଉଁମାନେ ଅଭିଯୋଗ ନେଇ ଆସିଛନ୍ତି ଦେଖାଯାଇଛି ଯେ, ବାହାଘରର ଅନେକ ଦିନପରେ ବା ନିର୍ଯ୍ୟାତନା ସହିସହି ଡେରିରେ ହେଉ ପଛେ ଏହା ବିରୁଦ୍ଧରେ ପାଟି ଖୋଲୁଛନ୍ତି। ଅଧିକାଂଶ ମହିଳା ପ୍ରଥମେ ନିର୍ଯ୍ୟାତନା ସହିବା ପାଇଁ ଚେଷ୍ଟା କରନ୍ତି, ନହେଲେ ଘରେ ଏହାର ସମାଧାନ ପାଇଁ ଚେଷ୍ଟା କରନ୍ତି। ଏଥିରେ ସଫଳ ନହେଲେ ସାଙ୍ଗ, ସାଥୀ ବା ପଡୋଶୀଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ସର୍ବଶେଷରେ ଯାଇ ପୋଲିସ କିମ୍ବା ଆଇନର ସହାୟତା ପାଇଁ ଭାବିଥାନ୍ତି। ପ୍ରକୃତରେ ଜଣେ ନିର୍ଯ୍ୟାତିତା ମହିଳାଟିକୁ ଲଢିବାକୁ ହେଲେ ପ୍ରଥମେ ତାର ନିଜର 'ସାହସ' ବାନ୍ଧିବାକୁ ପଡିବ। ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଦ ାଳନ କରିବାକୁ ପଡିବ।

ଶେଷରେ ମୁଁ ଏତିକି କହିବି କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହାୟତାରେ କଟକ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଯ୍ୟାତିତା ମହିଳାମାନଙ୍କୁ ସହାୟତା ଦେବା ପାଇଁ ଖୋଲା ଯାଇଥିବା "ସଖୀ" କେନ୍ଦ୍ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଏହା ସାଙ୍ଗରେ ଜଡିତ ସମସ୍ତ ଅନୁଷ୍ଠାନ ଯଥା- ଜିଲ୍ଲା ପ୍ରଶାସନ, ହସ୍‌ପିଟାଲ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଶିଶୁ ସୁରକ୍ଷା ଅଧିକାରୀ, ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ସ୍ୱାଧାର ଗୃହ ଆଦି ଅନେକ କ୍ଷମତାପ୍ରାପ୍ତ କ ୃପକ୍ଷମାନଙ୍କର ସହଯୋଗ ରହିବା ନିହାତି ଜରୁରୀ। ଏହି କାର୍ଯ୍ୟକୁ ପରିଚାଳନ କରିବାପାଇଁ ଆଇ.ଏସ୍.ଡିକୁ ଦାୟିତ୍ୱ ଦେଇଥିବାରୁ ମୁଁ ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିନ୍ ଓ ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଏସ୍.ସି.ବି ମେଡିକାଲ କଲେଜ, କଟକ କ ୃପକ୍ଷଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି। ଧନ୍ୟବାଦ ଦେଉଛି ସଖୀ କେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମୀମାନଙ୍କୁ ଯାହାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆଗେଇ ଚାଲିଛି।

ଶୁଭଶ୍ରୀ ଦାସ
(ଶୁଭଶ୍ରୀ ଦାସ)

# MESSAGE



**Prof.(Dr) Jayashree Mohanty**
Dean & Principal
SCB Medical College & Hospital, Cuttack

I am glad to know that SAKHI -one stop center a joint venture of Cuttack District administration, SCB and ISD has successfully completed one year. I congratulate from the core of my heart to the members of the center working dedicatedly to resolve the women related issues. Their professional skill and valuable counseling saved many families to setting their foot for a glorious future.

On this occasion they bring out one year Journey report containing valuable information about the center which would be presented before the print and electronic media on 8th March. I wish the report will play a major role to helping the women in re addressing their issues.

I wish all the members associated with SAKHI a very successful future ahead.

**(Prof.(Dr) Jayashree Mohanty)**



**Prof (Dr.) Sarada Prasanna Swain**
Director cum Medical Superintendent
M.H.I (COE), SCBMCH, Cuttack

It's a matter of great pleasure that "ONE STOP CENTRE" which was inaugurated one year back is observing its 1st Anniversary in month of March. In last one year many cases of family violence and psychological trauma female victims have been counselled and guided by the centre to guide them in proper way to improve their quality of life and improve their mental health. The referral cases from Mental Health Institute by me and other faculties have been well managed by the centre. I wish the centre being inside the campus of Mental Health Institute, S.C.B Medical College will have extra advantage as for as physical & Mental Health care of the victims is concerned.

My best wishes for the development of the centre to mark of ideal centre just like a centre of excellence.

**(Prof (Dr.) Sarada Prasanna Swain)**

# MESSAGE



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି । ଗତବର୍ଷ ଏହି ଦିନରେ 'ସଖୀ'ର ଉଦ୍‌ଘାଟନ ହୋଇଥିଲା । ଏହା ମଧ୍ୟରେ ଏକବର୍ଷ ପୂରିଯାଇଛି । ବିଗତ ଏକ ବର୍ଷ ମଧ୍ୟରେ 'ସଖୀ'ର କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇପାରିଛି । ଜିଲ୍ଲା ପ୍ରଶାସନ ଓ ଏସ୍.ସି.ବି. ମେଡିକାଲ କଲେଜର କର୍ତ୍ତୃପକ୍ଷଙ୍କର ବେଶ୍ ସହଯୋଗ ମିଳିପାରିଛି । ଏହିଭଳି ସହଯୋଗ ଆଗାମୀ ଦିନରେ ମିଳିବ ବୋଲି ମୁଁ ଆଶା ରଖୁଛି । ଆଇ.ଏସ୍.ଡି. ମହିଳାମାନଙ୍କ ସମସ୍ୟାର ସମାଧାନ ପାଇଁ ଯେଉଁ ଗୁରୁଦାୟିତ୍ୱ ନେଇଛି ତାହା ଆଗାମୀ ଦିନରେ ଶତପ୍ରତିଶତ ସଫଳ ରୂପାୟନ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ । 'ସଖୀ'ର ସଫଳତାର ସମସ୍ତ ଶ୍ରେୟ ମୁଁ ଏଠାରେ କାର୍ଯ୍ୟରତ କର୍ମୀମାନଙ୍କୁ ଦେଉଛି ।



**ଶ୍ରୀମତୀ ନିରୂପମା ବେହେରା**
ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ
କଟକ

କଟକ ଜିଲ୍ଲା ପ୍ରଶାସନ, ଏସ୍.ସି.ବି ମେଡିକାଲ କଲେଜ ଓ ହସପିଟାଲ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେ (ଆଇ.ଏସ୍.ଡି)ର ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିବା "ସଖୀ"– ୱାନ୍ ଷ୍ଟପ୍ ସେ ରକୁ ଏକ ବର୍ଷ ପୂରିଲା । ଏହା ଗତ ବର୍ଷ ୮ମାର୍ଚ୍ଚ, ଆର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ କଟକ ବଡ ମେଡିକାଲ ପରିସରରେ ଥିବା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତୃତୀୟ ମହଲାରେ ଶୁଭାରମ୍ଭ କରାଯାଇଥିଲା । ମାତ୍ର ଏକ ବର୍ଷ ମଧ୍ୟରେ ସଖୀ କେନ୍ଦ୍ର ଅନେକ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗ ଦେବାରେ ଏକ ବିଶେଷ ଭୂମିକା ନିଭାଇଛି । ଆଗାମୀ ଦିନମାନଙ୍କରେ ଏହି କେନ୍ଦ୍ର ଅନେକ ନିର୍ଯ୍ୟାତିତା ମହିଳାମାନଙ୍କୁ ଠିକ୍ ଦିଗଦର୍ଶନ ଦେଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

'ସଖୀ'ର ପ୍ରଥମ ବାର୍ଷିକ ପୂର୍ତ୍ତି ଅବସରରେ ଏହାକୁ ପରିଚାଳନା କରୁଥିବା ମହିଳା ସ୍ୱେଚ୍ଛସେବୀ ଅନୁଷ୍ଠାନ ଆଇ.ଏସ୍.ଡି ତରଫରୁ ପ୍ରକାଶିତ "ବାର୍ଷିକ ଅପଡେଟ୍" କୁ ମୁଁ ସ୍ୱାଗତ କରୁଛି । ଏହି ଅପଡେଟ୍ ମାଧ୍ୟମରେ 'ସଖୀ'ରେ ଏକ ବର୍ଷ ମଧ୍ୟରେ ପଞ୍ଜିକୃତ ଅଭିଯୋଗ ସଂଖ୍ୟାର ସମସ୍ତ ତଥ୍ୟ ଦିଆଯାଇଛି । ଏହି ଅବସରରେ ସଖୀରେ କାର୍ଯ୍ୟରତ ସମସ୍ତ ସଦସ୍ୟମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି । ଆଶା କରୁଛି ଏହିକେନ୍ଦ୍ର ଆଗକୁ ନିରବଚ୍ଛିନ୍ନ ଭାବେ ତାର ଦାୟୀତ୍ୱ, କର୍ତ୍ତବ୍ୟ ତୁଲାଇ ଅନେକ ନିର୍ଯ୍ୟାତିତା ମହିଳାଙ୍କୁ ସହଯୋଗ ଦେବାରେ ସଫଳ ହୋଇପାରିବ ।



**ଶ୍ରୀମତୀ ମନ୍ଦାକିନୀ ଜେନା**
ଅଧ୍ୟକ୍ଷା,
ଜିଲ୍ଲା ଶିଶୁମଙ୍ଗଳ କମିଟି, କଟକ

"ସଖୀ"– ୱାନ୍ ଷ୍ଟପ୍ ସେ ରର ଏକ ବର୍ଷ ପୂର୍ତ୍ତି ଅବସରରେ ଏକ ପତ୍ରିକା ଆତ୍ମ ପ୍ରକାଶ କରୁଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ସମାଜର ଅସୁରକ୍ଷିତ ନାରୀ ଓ ଶିଶୁକନ୍ୟାମାନଙ୍କର ସୁରକ୍ଷା ନିମିତ 'ସଖୀ' ଏକ ବର୍ଷ ଧରି କଟକ ଜିଲ୍ଲାରେ ଏକ ଗୁରୁ ଦାୟିତ୍ୱ ବହନ କରି ଆସିଅଛି । ଅସହାୟମାନଙ୍କ ପାଇଁ ବାସ୍ତବ ରୂପର ସଖୀର ଭୂମିକା ଉଲ୍ଲେଖଯୋଗ୍ୟ । ତେଣୁ ମୁଁ କଟକ ଜିଲ୍ଲାରେ "ସଖୀ"– ୱାନ୍ ଷ୍ଟପ୍ ସେ ରର ଉତରୋତର ଉନ୍ନତି କାମନା କରୁଅଛି ଏବଂ ଆମ ଜିଲ୍ଲାର ପ୍ରତ୍ୟେକ ନାରୀ ଓ ଶିଶୁକନ୍ୟାମାନଙ୍କର ଏକ ସଚ୍ଚୋଟ ସଖୀ ରୂପେ ନାରୀ ସମାଜର ବିକାଶ ନିମିତ ଅଗ୍ରଗାମୀ ହେଉ ଏହାହିଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି ।

# MESSAGE



**Ms. Gayatri Mishra**
Protection Officer
Cuttack

Congratulation on your 1st Successful work anniversary. I am happy being directly connected to SAKHI-One Stop Centre, Cuttack through out your Journey. I appreciate your work and enthusiasm and most importantly what you have done to achieve the goal of this beautiful initiative by providing integrated services to aggrieved women and girl child facing different kind of violence irrespective of age, class, caste, education, marital status, races and culture. I am emmersly proud of your effort you have put throughout this year and you have never disappoint me in your emergency response and rescue services. I hope of continuing our association further time to come. You have set an exemplary standard for all with your efforts and your dedication.



**Ms. Pragati Mohanty**
DCPO, Cuttack

I am delighted to know that SAKHI-ONE STOP CENTRE" is going to complete one year of its functioning in the district. In the changing scenario of the society, the need for addressing the emerging issues of the women is a challenge to be accepted and confirmed.

I wish may "SAKHI" be succeed in- " Imparting Psychological Solace, providing an enabling environment to retaliate and empowering them to sustain a meaningful life in the coming days ahead.



**Dr. Geeta Sahoo**
Professor & Head
Dept.of F.M & T
S.C.B M.C.H, Cuttack

I congratulate the team members of the one stop crisis centre of S.C.B Medical College, Cuttack. It is very much helpful for the violence affected women who can directly drop in to the OSC centre 24x7 at any time. It contains 5 beds in which these survivors can be kept temporarily for 5 days. Several facilities psychosocial counselling, medical aid, legal services, police facilitation and temporary shelter are given under one roof. I am very much hopeful that proper active functioning of these centres shall definitely help these unfortunate survivors to deal with such crisis in a dignified way.



**ସୌମ୍ୟା ସୁରଚିତା ସାହୁ**
ସେ ର - ଆଡମିନ୍

# ସଂକ୍ଷିପ୍ତରେ ସଖୀ - ୱାନ୍ ଷ୍ଟପ୍ ସେ ର

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଗୁଡ଼ିଏ ସେବା ଯୋଗାଇ ଦେଉଛନ୍ତି । ସେଥିମଧ୍ୟରୁ 'ସଖୀ ୱାନ୍ ଷ୍ଟପ୍ ସେଣ୍ଟର' ଅନ୍ୟତମ । ଆମ ରାଜ୍ୟରେ ପ୍ରାୟ ୩୦ଟି ଜିଲ୍ଲାର ସଦର ମହକୁମାର ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଏହି କେନ୍ଦ୍ର ଅସହାୟ ମହିଳାଙ୍କୁ ସହାୟତା ଦେବାପାଇଁ ଖୋଲା ଯାଇଅଛି । ସେହିପରି ଆଇ.ଏସ୍.ଡି. ତରଫରୁ ରାଜ୍ୟର ପ୍ରମୁଖ ବଡ଼ ଡାକ୍ତରଖାନା ଏସ୍.ସି.ବି. ପରିସରରେ 'ସଖୀ' କେନ୍ଦ୍ର କାର୍ଯ୍ୟ କରୁଅଛି । ନିମ୍ନରେ ଏହି କେନ୍ଦ୍ରର କାର୍ଯ୍ୟକ୍ରମ ବିଷୟରେ କିଛି ସଂକ୍ଷିପ୍ତରେ ଦିଆଯାଇଛି ।

- ଏହା ଏକ "ଏକକ ସହାୟତା କେନ୍ଦ୍ର" । ଏହା ୨୪ ଘ ିଆ ଖୋଲା ରୁହେ ।
- ଏହି କେନ୍ଦ୍ର ୨୦୧୯ ମାର୍ଚ୍ଚ ୮ ତାରିଖଠାରୁ କଟକ ଜିଲ୍ଲା ପ୍ରଶାସନ, ଏସ୍.ସି.ବି ମେଡିକାଲ କଲେଜ କ ୍ଟପକ୍ଷ ଓ ଆଇ.ଏସ୍.ଡି ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ କଟକ ବଡମେଡିକାଲ ପରିସରରେ ଥିବା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ୩ୟ ମହଲାରେ ଖୋଲାଯାଇଛି ।
- ଏହି କେନ୍ଦ୍ରରେ ଯେକୌଣସି ପ୍ରକାରର ହିଂସାରେ ପିଡୀତା ମହିଳାମାନଙ୍କୁ ଗୋଟିଏ ସ୍ଥାନରୁ ସମସ୍ତ ପ୍ରକାରର ସହାୟତା ଯଥା- ଡାକ୍ତରୀ ଚିକିତ୍ସା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସମାଜିକ ପରାମର୍ଶ, ପୋଲିସ ସହାୟତା ଓ ସ୍ୱଳ୍ପ ରହଣୀ ସହିତ ମହିଳାଟିର ଅଭିଯୋଗର ଶୁଣାଣୀ ପାଇଁ ଭିଡିଓ କନଫରେନସ୍‌ର ବ୍ୟବସ୍ଥା କରାଯାଇଛି ।
- ମନସ୍ତାତ୍ତ୍ୱିକ ଓ ସାମଜିକ ପରାମର୍ଶ ପାଇଁ ଏହି କେନ୍ଦ୍ରରେ ଦକ୍ଷତା ସମ୍ପନ୍ନ ପରାମର୍ଶଦାତ୍ରୀ ଓ କେସ୍ ୱାର୍କରମାନଙ୍କୁ ନିଯୁକ୍ତି ଦିଆଯାଇଛି ।
- ସୁରକ୍ଷା ଦୃଷ୍ଟିରୁ ଏହି କେନ୍ଦ୍ରରେ ମହିଳା ସିକ୍ୟୁରିଟିଗାର୍ଡଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି ।
- ଅତି କମରେ ଜଣେ ପିଡୀତା ମହିଳାଟିକୁ ୫ଦିନ ଏଠାରେ ରହିବାର ବ୍ୟବସ୍ଥା ଥିବା ସଙ୍ଗେସଙ୍ଗେ ସେମାନଙ୍କୁ ଉପଯୁକ୍ତ ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ପୋଲିସ ସହାୟତା ଦେବାରେ ଏହି କେନ୍ଦ୍ର ଏକ ବିଶେଷ ଭୂମିକା ପ୍ରଦର୍ଶନ କରିଛି ।
- ସପ୍ତାହରେ ଦୁଇଦିନ ଯଥା- ମଙ୍ଗଳବାର ଓ ଗୁରୁବାର ଜଣେ ଦକ୍ଷ ଆଇନଜୀବୀ ଏବଂ ଜିଲ୍ଲା ଆଇନ ପ୍ରାଧିକରଣ କ ୍ଟପକ୍ଷଙ୍କ ତରଫରୁ ପ୍ରତି ସୋମବାର ଜଣେ ପାରା ଲିଗାଲ ଭଲ୍ୟୁଂଟର ଆଇନ ସମ୍ବନ୍ଧୀୟ ପରାମର୍ଶ ପାଇଁ ଆସିଥାନ୍ତି ।
- ପରାମର୍ଶ ମାଧ୍ୟମରେ ପିଡୀତା ମହିଳାଟିର ଅଭିଯୋଗକୁ ଭି ି କରି ପ୍ରଥମେ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଇଥାଏ ।
- ଯଦି ଆପୋଷ ଆଲୋଚନା ମାଧ୍ୟମରେ ଅଭିଯୋଗର ସମାଧାନ ନହୋଇ ପାରିଲା ତେବେ କୋର୍ଟ ଓ ଥାନାର ସାହାର୍ଯ୍ୟ ନେବା ଦିଗରେ ଏହି କେନ୍ଦ୍ର ପିଡୀତା ମହିଳାଟିକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥାଏ ।
- ଦରକାର ସମୟରେ କାର୍ଯ୍ୟରତ କେସ୍ ୱାର୍କରମାନେ ନିକଟସ୍ଥ ଥାନାର ସହାୟତା ନେଇ ପିଡୀତାଟିର ଗୃହ ପରିଦର୍ଶନ କରିଥାନ୍ତି ।
- ଏହା ବ୍ୟତୀତ ସଖୀ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ସାଧାରଣ ଲୋକ ଜାଣିବା ନିମନ୍ତେ ପ୍ରତିମାସରେ କଟକରେ ଥିବା ୱାର୍ଡମାନଙ୍କରେ ସଖୀ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ ।

**ଏଠାକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଏ**


# ସଖୀ-ୱାନ୍ ଷ୍ଟପ୍ ସେ  ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

**(୮ ମାର୍ଚ୍ଚ ୨୦୧୯ ଠାରୁ ୨୯ ଫେବୃୟାରୀ ୨୦୨୦ ପର୍ଯ୍ୟନ୍ତ)**

କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଥିବା "ସଖୀ" କେନ୍ଦ୍ର ଏକ ବର୍ଷ ପୂରଣ କରିଛି । ବିଗତ ଏକ ବର୍ଷ ମଧ୍ୟରେ ଏହି କେନ୍ଦ୍ର ଅନେକ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗ ଦେବା ସଂଗେ ସଂଗେ ସେମାନଙ୍କ ଆତ୍ମବଳ ବଢାଇବାରେ ସହାୟକ ହୋଇପାରିଛି । ନିର୍ଯ୍ୟାତିତା ମହିଳାଟିକୁ ଠିକ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସହିତ ତାର କଥାକୁ ଉପଯୁକ୍ତ ଭାବେ ଗ୍ରହଣ କରି ତାକୁ ନ୍ୟାୟ ଦେବାରେ ଏହି କେନ୍ଦ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏ ବର୍ଷର ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟାର ପରିସଂଖ୍ୟାନରୁ ଜଣାଯାଇଛି ଯେ, କେନ୍ଦ୍ରକୁ ଆସୁଥିବା ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗମଧ୍ୟରୁ ପାରିବାରିକ ହିଂସାର ସଂଖ୍ୟା ଅଧିକ । ନିମ୍ନରେ ବିଗତ ଏକ ବର୍ଷ ମଧ୍ୟରେ କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା ।

## ୧.ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା


| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୫ |
| ଏପ୍ରିଲ | ୯ |
| ମଇ | ୧୫ |
| ଜୁନ | ୧୫ |
| ଜୁଲାଇ | ୧୫ |
| ଅଗଷ୍ଟ | ୧୬ |
| ସେପ୍ଟେମ୍ବର | ୧୩ |
| ଅକ୍ଟୋବର | ୨୧ |
| ନଭେମ୍ବର | ୧୬ |
| ଡିସେମ୍ବର | ୧୮ |
| ଜାନୁଆରୀ | ୧୮ |
| ଫେବୃୟାରୀ | ୧୫ |
| **ସମୁଦାୟ** | **୧୭୬** |




## ୨. ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା


| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୫ | ୮ | ୧୨ | ୮ | ୭ | ୫ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୪ | ୬ | ୫ | ୫ | ୦୭ | – |




**୩.** କେବଳ ଏହି କେନ୍ଦ୍ରକୁ ପାରିବାରିକ ହିଂସାର ଶିକାର ହୋଇଥିବା ମହିଳାମାନେ ଅଭିଯୋଗ ନେଇ ଆସିଥାଏ ତା ନୁହେଁ ଅନ୍ୟାନ୍ୟ ପ୍ରକାରର ହିଂସାରେ ପିଡୀତା ମହିଳାମାନେ ମଧ୍ୟ ନିଜର ଅଭିଯୋଗ ଦାଖଲ କରିଛନ୍ତି । ନିମ୍ନରେ କେଉଁ ପ୍ରକାରର ହିଂସାରେ ପିଡୀତାମାନେ ଅଭିଯୋଗ ନେଇ ଆସିଛନ୍ତି ତାହାର ଏକ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୧୫୦ |
| ଦୁଷ୍କର୍ମ | ୦୬ |
| ଯୌନ ନିର୍ଯ୍ୟାତନା | ୦୬ |
| ସାଇବର କ୍ରାଇମ୍ | ୦୧ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୦୧ |
| ଅନ୍ୟାନ୍ୟ | ୧୨ |




**୪.** ସଖୀ କେନ୍ଦ୍ରକୁ ଆସୁଥିବା ସମସ୍ତ ମହିଳାମାନଙ୍କୁ ସାମାଜିକ ତଥା ମନସ୍ତା ିକ ପରାମର୍ଶ ଦିଆଯିବା ସଙ୍ଗେସଙ୍ଗେ ସେମାନଙ୍କୁ ଅନ୍ୟାନ୍ୟ ସଂସ୍ଥାଦ୍ୱାରା ମିଳୁଥିବା ଉପଯୁକ୍ତ ବ୍ୟବସ୍ଥା ସହିତ ସଂଯୁକ୍ତ କରିଦିଆଯାଇଥାଏ । ବିଗତ ଏକ ବର୍ଷ ମଧ୍ୟରେ ସଖୀ ତରଫରୁ ମୋଟ୍ ୨୫୧ ଜଣ ନିର୍ଯ୍ୟାତିତା ମହିଳାମାନଙ୍କୁ ନିମ୍ନଲିଖିତ ସହାୟତା ସହିତ ସଂଯୁକ୍ତ କରାଇ ଦିଆଯାଇଛି ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୧୭ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୩୬ |
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୦୫ |
| ପୋଲିସ ସହାୟତା | ୧୩ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୧୭୬ |
| ଅନ୍ୟାନ୍ୟ | ୦୪ |





**୫.** ବିଗତ ଏକ ବର୍ଷ ମଧରେ ସଖୀକେନ୍ଦ୍ରକୁ ଆସିଥିବା ମୋଟ ୧୭୬ ଜଣ ମହିଳାଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା, ସେମାନେ କେଉଁ ବର୍ଗରୁ ଆସିଛନ୍ତି ସେ ସବୁକୁ ମଧ ରେକର୍ଡ କରାଯାଇଛି, ତାହାର ଏକ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୧୦ |
| କେବଳ ଦସ୍ତଖତ ଜାଣନ୍ତି | ୧୭ |
| ପ୍ରାଥମିକ | ୩୯ |
| ମାଧ୍ୟମିକ | ୫୮ |
| ଇ ର ମିଡିଏଟ୍ | ୨୧ |
| ସ୍ନାତକ | ୨୨ |
| ବୃ ିଗତ ପେଷା | ୦୯ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୭୩ |
| ଓ.ବି.ସି | ୨୪ |
| ଅନୁସୂଚିତ ଜାତି | ୫୭ |
| ଅନୁସୂଚିତ ଜନଜାତି | ୦୧ |
| ଖ୍ରୀଷ୍ଟିୟାନ | ୦୨ |
| ମୁସ୍‌ଲିମ | ୧୯ |


**୬.** ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୧୭୬ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| | **ଅଭିଯୋଗ ପଠାଇ ଥିବା ସଂସ୍ଥାର ନାମ** | **ସଂଖ୍ୟା** |
|---|---|---|
| ୦୧ | ମହିଳା ଥାନା | ୭୮ |
| ୦୨ | ଲାଲବାଗ ଥାନା | ୦୧ |
| ୦୩ | ମଙ୍ଗଳାବାଗ ଥାନା | ୦୩ |
| ୦୪ | ସାଲେପୁର ଥାନା | ୦୧ |
| ୦୫ | ଭଦ୍ରକ ଥାନା | ୦୧ |
| ୦୬. | ଆରପିଏଫ୍ | ୦୧ |
| ୦୬ | ସ୍ୱେଚ୍ଛାସେବୀ ଅନୁଷ୍ଠାନ | ୦୭ |
| ୦୭ | ୧୮୧ ମହିଳାହେଲ୍ପଲାଇନ୍ | ୦୭ |
| ୦୮ | ସୁରକ୍ଷାଅଧିକାରୀ | ୦୪ |
| ୦୯ | ୱାନ୍‌ଷ୍ଟପ୍ ସେ  ର, ଭୁବନେଶ୍ୱର | ୦୧ |
| ୧୦ | ୱାନ୍‌ଷ୍ଟପ୍ ସେ  ର ଢେଙ୍କାନାଳ | ୦୨ |
| ୧୧ | ୱାନ୍‌ଷ୍ଟପ୍ ସେ  ର, ଯାଜପୁର | ୦୪ |
| ୧୨ | ଡାକ୍ତର | ୦୮ |
| ୧୩ | ସି.ଡବ୍ଲ୍ୟୁ.ସି | ୦୪ |
| ୧୪ | ଗଣମାଧ୍ୟମ | ୦୧ |
| ୧୫ | ମହିଳାଟି ନିଜେ ଆସିଛି | ୫୩ |
| | **ମୋଟ** | **୧୭୬** |




**୭.** ଅଭିଯୋଗ ପଞ୍ଜିକୃତ ହୋଇଥିବା ମହିଳା ବା ଝିଅ ମାନଙ୍କର ବୟସ

| **ବୟସ** | **ସଂଖ୍ୟା** |
|---|---|
| ୧୮ରୁ କମ୍ ବୟସ | ୧୨ |
| ୧୮ରୁ ୩୫ ବର୍ଷ ମଧ୍ୟରେ | ୧୨୬ |
| ୩୫ରୁ ୬୦ବର୍ଷ ମଧ୍ୟରେ | ୩୪ |
| ୬୦ ବର୍ଷରୁ ଅଧିକ | ୦୪ |




ଅଭିଯୋଗ ନେଇ ଆସୁଥିବା ମହିଳାକୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ । ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷଙ୍କୁ ଅନୁଧ୍ୟାନ କରିପାରନ୍ତି । ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବ ର୍ନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ । ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ୱାର୍ଡମେମ୍ବର ବା ସେହି ଅ  ଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।

# ସଫଳ କାହାଣୀ

ନିମ୍ନରେ କେତେକ ପୀଡ଼ିତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି ।

## ପୁଣି ସୁନାର ସଂସାର

କୋଲକାତାର ୨୯ ବର୍ଷୀୟା ଜୟଶ୍ରୀ ପାତ୍ର ଗୋଟିଏ ହିନ୍ଦୁ ପରିବାରର ଝିଅ ଥିଲେ । ତାଙ୍କର ବାହାଘର କଟକ ସି.ଡି.ଏ, ସେକ୍ଟର-୬ର ୩୨ ବର୍ଷୀୟା ପ୍ରମୋଦ ପାତ୍ରଙ୍କ ସହ ବୈଦିକ ରୀତିନୀତି ଅନୁସାରେ ହୋଇଥିଲା । ପେସାରେ ପ୍ରମୋଦ ଜଣେ ବ୍ୟବସାୟୀ ଥିଲେ । ଜୟଶ୍ରୀ ଓ ପ୍ରମୋଦଙ୍କର ଗୋଟିଏ ଦୁଇବର୍ଷର ପୁଅ ଥିଲା । ଜୟଶ୍ରୀଙ୍କର ପରିବାର କହିଲେ ସେ ତାଙ୍କ ସ୍ୱାମୀ, ଶାଶୁ ଓ ଶଶୁରଙ୍କୁ ବୁଝାଏ । ବିବାହ ଯୋଡି ଦେଇଥାଏ ଦୁଇ ପରିବାରକୁ । ଉଭୟ ପରିବାର ଜୟଶ୍ରୀ ଓ ପ୍ରମୋଦଙ୍କ ବୈବାହିକ ଜୀବନକୁ ସରସ ଓ ସୁନ୍ଦର କରିବା ପାଇଁ ଚେଷ୍ଟିତ ଥିଲେ । ସେଥିପାଇଁ ଉଭୟ ପରିବାରର ହସ୍ତକ୍ଷେପ ମଧ୍ୟ ମାତ୍ରାଧିକ ଥିଲା, ଯାହାକି ଜୟଶ୍ରୀ ଓ ପ୍ରମୋଦଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି କରିଥିଲା । ପ୍ରମୋଦ ନିଜର ମାତା ଓ ପିତାଙ୍କର କଥା ଶୁଣି ଜୟଶ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଜୟଶ୍ରୀ ଏ ବିଷୟରେ ନିଜ ଭାଇଙ୍କୁ ଜଣାଇଲେ ଓ ଭାଇଙ୍କର ପରାମର୍ଶ କ୍ରମେ ସେ ନିଜ ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କ ସମସ୍ତ ନିର୍ଯ୍ୟାତନା ଚୁପଚାପ ସହିବାରେ ଲାଗିଲେ । ହେଲେ ତାଙ୍କର ପରିସ୍ଥିତିରେ କୌଣସି ସୁଧାର ଆସିଲା ନାହିଁ । ଶାରୀରିକ ଓ ମାନସିକ ସ୍ତରରେ ଆଘାତପ୍ରାପ୍ତ ଜୟଶ୍ରୀ ଦିନକୁ ଦିନ ଦୁର୍ବଳ ହୋଇ ପଡିଲେ । ତେଣୁ ସେ ସଖୀ-ଓ୍ୱାନ୍ ଷ୍ଟପ ସେ ରର ସାହାଯ୍ୟ ଲୋଡିଲେ । ସଖୀର ପରାମର୍ଶଦାତ୍ରୀଙ୍କର ପରାମର୍ଶ କ୍ରମେ ପ୍ରମୋଦ ଓ ତାଙ୍କ ପରିବାର ନିଜର ଭୁଲ ବୁଝିପାରିଲେ ଓ ଜୟଶ୍ରୀଙ୍କର ଛୋଟଛୋଟ ଦୋଷତ୍ରୁଟିକୁ କ୍ଷମା କରି ତାଙ୍କୁ ଆପଣେଇ ନେଲେ । ଜୟଶ୍ରୀ ମଧ୍ୟ ସ୍ୱାମୀ ଓ ଶାଶୁଶ୍ୱଶୁରଙ୍କ ମନ ନେଇ ଚଳିବାର ପ୍ରତିଶ୍ରୁତି ଦେଲେ । ଜୟଶ୍ରୀଙ୍କ ସୁନା ର ସଂସାର ପୁଣି ଥରେ ହସିଉଠିଲା । ନିକଟ ଅତୀତରେ ସଖୀ- ଓ୍ୱାନ୍ ଷ୍ଟପ ସେ ରର କର୍ମକ ୍ମାନେ ଗୃହ ପରିଦର୍ଶନରେ ଜୟଶ୍ରୀଙ୍କ ଘରକୁ ଯାଇ ଥିଲାବେଳେ ସେଠାରେ ଜୟଶ୍ରୀ ବହୁତ ଖୁସିରେ ଅଛନ୍ତି ବୋଲି କହିଥିଲେ ଓ ଜୟଶ୍ରୀଙ୍କୁ ନେଇ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ମଧ୍ୟ ବହୁତ ଖୁସି ଥିଲେ ବୋଲି ଜଣାପଡୁଥିଲା ।

## ପ୍ରେମରେ ବନ୍ଧା ନୁହେଁ ଧର୍ମ

ଚପଲ ଦୋକାନ କରିଥିବା ଏମ.ଡି. ରଜାକଙ୍କ ୧୮ ବର୍ଷିୟା ଝିଅ ସବାନା ନିଶା ପାଠ ପଢା ଅଧାରୁ ଛାଡି ଘର କାମରେ ମା'କୁ ସାହାର୍ଯ୍ୟ କରୁଥିଲେ । ଏହି ସମୟରେ ଈଶ୍ୱର ନାୟକଙ୍କ ସହ ତାଙ୍କର ଦେଖାହେଲା । ୨୧ ବର୍ଷୀୟା ଈଶ୍ୱରଙ୍କ ମାତା, ପିତା କଟକ ବଡ ମେଡିକାଲରେ ସ୍ୱିପର ଭାବରେ କାର୍ଯ୍ୟ କରୁଥିଲେ । ଈଶ୍ୱର ହିନ୍ଦୁ, ସବାନା ମୁସଲମାନ, ୨ଜଣଙ୍କ ଭିତରେ ଦେଖାସାକ୍ଷାତରୁ ବନ୍ଧୁତ୍ୱ, ବନ୍ଧୁତ୍ୱରୁ ପ୍ରେମ ଗଢି ଉଠିଲା । ଦୁହେଁ ସ୍ଥିରକଲେ ବିବାହ କରିବାକୁ ହେଲେ ଦୁହିଁଙ୍କ ମଧ୍ୟରେ ଧର୍ମ ପ୍ରାଚୀର ହୋଇ ଛିଡା ହେଲା । ଦୁହିଁଙ୍କର ପରିବାର ଏହି ବିବାହ ପାଇଁ ସମ୍ମତି ଦେଲେ ନାହିଁ । ଈଶ୍ୱର ଓ ସବାନା ପଛକୁ ହଟିଲେ ନାହିଁ, କୌଣସି ମତେ ଉଭୟ ନିଜ ନିଜ ପରିବାରକୁ ରାଜି କରାଇ ବିବାହ କଲେ । ବିବାହ ପରେ କିଛି ଦିନ ସବୁ ଠିକଠାକ୍ ଚାଲିଲା କିନ୍ତୁ ସବାନାଙ୍କ ସ୍ୱାମୀ, ଶାଶୁ ଚାହୁଥିଲେ ସେ ହିନ୍ଦୁ ଧର୍ମକୁ ଆପଣେଇ ନିଅନ୍ତୁ । ସବାନା ଏହା କରିବାକୁ ଚାହୁଁ ନ ଥିଲେ । ଅଳ୍ପ ବୟସ ଏବଂ ନିଜ ମାଙ୍କ ପ୍ରରୋଚନାରେ ସବାନା ଈଶ୍ୱରଙ୍କ ପରିବାର ସହ ତାଳ ମିଶାଇ ଚଳି ପାରିଲେ ନାହିଁ । ଏହା ମଧ୍ୟରେ ସବାନା ଏକ ପୁତ୍ରସନ୍ତାନକୁ ଜନ୍ମ ଦେଲେ । ଘରେ ସମସ୍ତେ ଖୁସି ହେଉଥିବା ବେଳେ ସବାନା ଖୁସି ହୋଇ ପାରୁନଥିଲେ କାରଣ ହିନ୍ଦୁରିତୀର କାର୍ଯ୍ୟ ତାଙ୍କୁ ବୋଝ ଭଳି ଲାଗୁଥିଲା । ତାଙ୍କର ଏଭଳି ବ୍ୟବହାର ଈଶ୍ୱରଙ୍କୁ ଭଲ ଲାଗୁନଥିଲା ତେଣୁ ସେ ସବାନାଙ୍କୁ ଶାରିରୀକ, ମାନସିକ ଯନ୍ତ୍ରଣା ଦେଉଥିଲେ । ପରସ୍ପର ପ୍ରତି ଥିବା ପ୍ରେମ କମିବାରେ ଲାଗିଲା । ନିର୍ଯ୍ୟାତନା ବଢିବାରୁ ସବାନା ସଖୀ-ଓ୍ୱାନ୍ ଷ୍ଟପ ସେ ରକୁ ସାହାଯ୍ୟ ପାଇଁ ଆସିଲେ ।

ସଖୀକୁ ଆସିବାବେଳେ ସବାନା ଶାରୀରିକ, ମାନସିକ ଭାବରେ ଆଘାତ ପ୍ରାପ୍ତ ଥିଲେ । ତାଙ୍କ ଦେହର ଅନେକ ସ୍ଥାନରେ କ୍ଷତ ଥିଲା । ଏମିତିକି ସେ ଚାଲି ପାରୁ ନଥିଲେ । ତାଙ୍କୁ ପ୍ରଥମେ ଡାକ୍ତରୀ ସହାୟତା ଯୋଗାଇ ଦିଆଗଲା । ସଖୀ ପରାମର୍ଶଦାତ୍ରୀ ଉଭୟଙ୍କୁ ବହୁବାର ଡାକି ବୁଝା ଶୁଝା କରାଇଥିଲେ । ଶେଷରେ ପରାମର୍ଶଦାତ୍ରୀଙ୍କ ସଠିକ୍ ପରାମର୍ଶ ଦ୍ୱାରା ଉଭୟଙ୍କ ଜୀବନରେ ଏକ ନୂଆମୋଡ ଆସିଲା । ସବାନା ନିଜ ଶାଶୁଘରର ଚଳଣୀକୁ ଆପଣେଇବେ ବୋଲି ପ୍ରତିଶ୍ରୁତି ଦେଲେ । ଈଶ୍ୱର ଓ ତାଙ୍କ ପରିବାର ବି ତାଙ୍କୁ ସହେଯାଗ କରିବେ ବୋଲି କହିଲେ । ସଖୀର ସହାୟତା ଯୋଗୁ ସବାନା ଓ ଈଶ୍ୱରଙ୍କ ଜୀବନ ସରସ ସୁନ୍ଦର ହୋଇପାରିଲା ।

# ଫେରିଲା ଖୁସି

୧୨ ବର୍ଷ ଧରି ଖୁସିରେ ବିବାହିତ ଜୀବନ ବିତାଉଥିବା ଇତିଶ୍ରୀ ଓ ରାଜେଶଙ୍କ ଜୀବନରେ ହଠାତ ଦୁଃଖର କଳା ବାଦଲ ଘୋଡି ଆସିଥିଲା । ହଠାତ ନିଜର ଚାକିରି ଛାଡି ରାଜେଶ ନିଶା ସେବନ କରିବାକୁ ଲାଗିଲେ । ଦିନେ ପ୍ରେମ କରି ବିବାହ କରିଥିବା ଇତିଶ୍ରୀଙ୍କୁ ରାଜେଶ ବାଡିଆପିଟା କରିବାକୁ ଆରମ୍ଭ କଲା । ଦିନକୁ ଦିନ ଇତିଶ୍ରୀଙ୍କ ଉପରେ ଶାରିରୀକ, ମାନସିକ ଅତ୍ୟାଚାର ବଢିବାକୁ ଲାଗିଲା । ଅତ୍ୟଧିକ ନିଶା ସେବନ କରୁଥିବାରୁ ତାଙ୍କ ପାଖରେ ଅର୍ଥର ଅଭାବ ରହୁଥିଲା ତେଣୁ ରାଜେଶ ଘରର ଆସବା ପତ୍ର ସହ ଇତିଶ୍ରୀଙ୍କ ଗହଣା ବିକିବାକୁ ଲାଗିଲା । ଇତିଶ୍ରୀଙ୍କ ଦୁଃଖ ଦେଖି ନପାରି ତାଙ୍କ ଭାଇ ରାଜେଶଙ୍କୁ ଅନେକ ବୁଝାଶୁଝା କଲେ ହେଲେ କୌଣସି ଫଳ ହେଲା ନାହିଁ । କଷ୍ଟ ଅସହ୍ୟ ହେବାରୁ ଇତିଶ୍ରୀ ତାଙ୍କର ୧୧ ବର୍ଷର ଝିଅକୁ ଧରି ବାପ ଘରକୁ ଚାଲିଗଲା । ବାପଘରେ ଦୀର୍ଘ ୨ ବର୍ଷ ରହିବା ପରେ ରାଜେଶ ତାଙ୍କୁ ବୁଝା ଶୁଝା କରି ଘରକୁ ନେଇ ଆସିଲେ ସିନା ହେଲେ ନିଜକୁ ପରିବର୍ତ୍ତନ କରିପାରିଲେ ନାହିଁ । ପୁଣି ଆରମ୍ଭ ହୋଇଗଲା ଇତିଶ୍ରୀଙ୍କ ଉପରେ ଅତ୍ୟାଚାର । ଇତିଶ୍ରୀଙ୍କ ବାପାଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ଦିନେ ଇତିଶ୍ରୀ ରାଜେଶଙ୍କୁ ନ ଜଣାଇ ବାପାଙ୍କୁ ଦେଖିବାକୁ ତାଙ୍କ ବାପ ଘରକୁ ଯାଇଥିଲେ, ଯାହା ପାଇଁ ରାଜେଶ ତାଙ୍କୁ ସନ୍ଦେହ କରି ଲୁହାରଡରେ ପିଟିଲେ, ଖାଲି ସେତିକି ନୁହେଁ ବରଂ ନିଜ ଝିଅକୁ ଏକ କଇଁଚି ସାହାଯ୍ୟରେ ହାଣିବାକୁ ଉଦ୍ୟତ ହେଲେ । ଇତିଶ୍ରୀଙ୍କୁ ଜୀବନରୁ ମାରିଦେଇ ପ୍ରେମ କରୁଥିବା ଅନ୍ୟ ଏକ ଝିଅକୁ ବିବାହ କରିବେ ବୋଲି ଧମକ ଦେଲେ । ଦିନେ ରାଜେଶ ରାଗରେ ଇତିଶ୍ରୀଙ୍କ ଗଳା ଚିପି ଦେଇଥିଲେ ତେଣୁ ଭାଇ ଓ ଭାଉଜ ଇତିଶ୍ରୀଙ୍କୁ ତାଙ୍କ ଘରକୁ ଆଣିବା ସହ ମହିଳା ଥାନାରେ ଅଭିଯୋଗ କଲେ । ଥାନାବାଲା ଦିଲ୍ଲୀପଙ୍କୁ ବୁଝାଶୁଝା କଲେବି ତାଙ୍କ ମନରେ କୌଣସି ଭୟ ଆସିନଥିଲା ବା ସେ ନିଜକୁ ପରିବର୍ତ୍ତନ କରିନଥିଲେ ।

ଏହାପରେ ଇତିଶ୍ରୀ 'ସଖୀ' ୱାନ୍‌ଷ୍ଟପ୍ ସେଣ୍ଟରକୁ ଆସିଥିଲେ । ସଖୀର ପରାମର୍ଶଦାତ୍ରୀ ଇତିଶ୍ରୀଙ୍କ ଆବେଦନ ଗ୍ରହଣ କରି ରାଜେଶଙ୍କୁ ଡକାଇ ବୁଝାଶୁଝା କରିଥିଲେ । ପରାମର୍ଶଦାତ୍ରୀ ବୁଝାଇବା ପରେ ରାଜେଶ ଜାଣି ପାରିଲେ ଯେ ସେ ନିଶା ସେବନ କରୁଥିବାରୁ ସେ କିଛି ଜାଣିପାରୁ ନାହାନ୍ତି । ତେଣୁ ସେ ନିଶା ଛଡାଇବା ପାଇଁ ସଖୀର ସାହାର୍ଯ୍ୟ ମାଗିଲେ । ସଖୀର କର୍ମଚାରୀମାନେ କଟକ ବଡମେଡିକାଲ ପରିସରରେ ଥିବା ନିଶା ନିବାରଣ କେନ୍ଦ୍ର ସହିତ ପରାମର୍ଶ କରି ତାଙ୍କର ଚିକିତ୍ସା କରାଇଲେ । ନିଶା ନିବାରଣ କେନ୍ଦ୍ରରେ ଥାଇ ମଧ୍ୟ ସଖୀର ପରାମର୍ଶଦାତ୍ରୀମାନେ ସେମାନଙ୍କୁ ଅହରହ ପରାମର୍ଶ ଜାରି ରଖୁଥିଲେ । ୧୫ଦିନ ମଧ୍ୟରେ ରାଜେଶଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା ଏବଂ ସେ ନିଶାଛାଡି ଦେଇଥିଲେ । ନିଶା ନିବାରଣକେନ୍ଦ୍ରରୁ ଆସିବା ପରେ ଇତିଶ୍ରୀଙ୍କ ସହ ସୁଖର ସଂସାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ଉଭୟ ସଖିକୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଦେଇଥିଲେ ।

# ଦୁଃଖ ଘୁଞ୍ଚିଲା

ପେଶାରେ ନମିତା ଓ ସୁବାଷ ଦୁଇଜଣ ସଫେଇ କର୍ମଚାରୀ । ଦୁଇଜଣ ପରସ୍ପରକୁ ପ୍ରେମ କରି ବିବାହ କରିଥିଲେ । ସୁଖୀ ଓ ଛୋଟ ପରିବାରରେ ଦମ୍ପତିଙ୍କର ୨ଟି ପୁତ୍ରସନ୍ତାନ ଅଛି । ସୁଖୀ ପରିବାରରେ ଦିନ ଦୁଃଖ ଆସି ରହିଗଲା । ସୁବାଷ ଅନ୍ୟ ଏକ ଖ୍ରୀଷ୍ଟିୟାନ ମହିଳାଙ୍କୁ ନିଜ ଘରକୁ ନେଇ ଆସିଥିଲେ । ସେହି ଖ୍ରୀଷ୍ଟିୟାନ ମହିଳାଙ୍କର ଆଗରୁ ଗୋଟେ ପୁଅ ଓ ଝିଅ ଥିଲେ । ଏହି ସବୁ କଥା ନମିତା ଦେଖି ସହି ପାରି ନ ଥିଲେ । ଯେଉଁ ସୁବାଷଙ୍କୁ ସେ ପ୍ରେମ କରିଥିଲେ ଆଉ ସେ ମଧ୍ୟ ତାଙ୍କୁ ପ୍ରେମ କରି ଏମିତି ଦୁଃଖ ଦେବେ ବୋଲି ଭାବି ନଥିଲେ । ଦୁଇ ପୁଅ ନମିତାଙ୍କୁ ଅଣ ଦେଖା କରି ସୁବାଷ ନେଇ ଆସିଥିବା ଖ୍ରୀଷ୍ଟିୟାନ ମହିଳାଙ୍କୁ ନିଜର ମା ରୁପେ ଗ୍ରହଣ କରିନେଲେ । ଏପରି ସବୁ ପରିବର୍ତ୍ତନ ଦେଖି ନମିତା ନିଜର ଘର ଛାଡି ବାହାରେ ରାସ୍ତାକଡରେ ଜରି ଟାଣି ନିଜର ଏକ ଛୋଟ ଘର କରି ବହୁକଷ୍ଟରେ ଖରା, ବର୍ଷା, ଶୀତରେ ଦିନ ରାତିକୁ ଏକ କରି ରହୁଥିଲେ । ଦିନେ ନମିତା ତାଙ୍କର ଦୁଃଖ ନେଇ "ସଖୀ"ରେ ଆସି ପହଞ୍ଚିଥିଲେ । ପରାମର୍ଶଦାତ୍ରୀ ନମିତାଙ୍କ ସ୍ୱାମୀ ସୁବାଷଙ୍କୁ ଡକାଇ କଥାବାର୍ତ୍ତା କରିଥିଲେ । ଅନେକ ଥର ଦୁଇଜଣଙ୍କୁ କାଉନସେଲିଂ କରିବା ପରେବି ସେମାନେ ଏକାଠି ରହିବାକୁ ରାଜି ହୋଇନଥିଲେ । ଅଲଗା ହେବା ପରେ ନମିତା ନିଜର ଭରଣ ପୋଷଣ ପାଇଁ ଦାବିକରି ଥିଲେ । "ସଖୀ"ର ପରାମର୍ଶଦାତ୍ରୀମାନେ ସୁବାଷଙ୍କୁ ଡକାଇ ନମିତାର ରହିବା ଓ ଚଳିବା ପାଇଁ ପ୍ରତିମାସରେ କିଛିଟଙ୍କା ଦେବା ପାଇଁ କହିଥିଲେ । ସୁବାଷ ଭରଣ ପୋଷଣ ଓ ଦୁଇ ପୁଅଙ୍କୁ ନିଜ ପାଖରେ ରଖି ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଖୀ ତରଫରୁ ନମିତାଙ୍କୁ ଘର ଦେବାର ସୁବିଧା କରାଯାଇଥିଲା । ବର୍ତ୍ତମାନ ନମିତା ଭଲରେ ଥିବା କଥା ଜଣାଇଥିଲେ ପରାମର୍ଶଦାତ୍ରୀଙ୍କ ପାଖରେ ଏବଂ ଧନ୍ୟବାଦ ଦେଇଥିଲେ ସଖୀ ଉପକାରିତା ପାଇଁ । ସଖୀ ନମିତାଙ୍କ ଜୀବନରେ ଯାହା କରିଛି ତାହା ସେ ଅନ୍ୟ ମହିଳାମାନଙ୍କୁ ଅବଗତ କରାଇ ସେମାନଙ୍କୁ ସାହାଯ୍ୟ କରୁଛନ୍ତି । ସଖୀ ପାଇଁ ନମିତା ଖୁସୀରେ ଓ ଭଲରେ ଥିବା ସହ ମାସକୁ ଭରଣ ପୋଷଣ ବାବଦକୁ ୨୦୦୦ ଟଙ୍କା ମଧ୍ୟ ତାଙ୍କ ଆକାଉଣ୍ଟକୁ ଆସୁଛି ବୋଲି କହିଛନ୍ତି ।

# ଆଇନ୍ ସମ୍ବନ୍ଧୀୟ ଚର୍ଚ୍ଚାରେ

## ମହିଳାମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ -୨୦୦୫

ଆଇନ ବ୍ୟବସ୍ଥାରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କଲେ ପ୍ରଥମେ ସମ୍ବିଧାନରେ ମହିଳାମାନଙ୍କ ପାଇଁ ଥିବା ବ୍ୟବସ୍ଥା ବିଷୟରେ ସମସ୍ତେ ଜାଣିବା ଦରକାର। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ତାଙ୍କ ପାଇଁ ଉଦ୍ଦିଷ୍ଟ ଆଇନକାନୁନ ବିଷୟରେ ଅବଗତ ନୁହଁନ୍ତି। ଆଗରୁ ଯେଉଁସବୁ ଆଇନ ଥିଲା ତାକୁ ସଂଶୋଧନ ବି କରାଯାଇଛି ତା ଛଡା ଅନେକ ସ୍ୱତନ୍ତ୍ର ଆଇନ ବି ପ୍ରଣୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତର ପାର୍ଲାମେ   ବିଶେଷତଃ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ପ୍ରଣୟନ କରିଛନ୍ତି। ତେବେ ଆସନ୍ତୁ ଜାଣିବା ଏ ସଂଖ୍ୟାରେ, ମହିଳାମାନଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ସମ୍ବନ୍ଧରେ କିଛି ବିଶେଷ ତଥ୍ୟ-

- କୌଣସି ବିବାହିତ ବା ଅବିବାହିତ ମହିଳା ଯେ କି ପାରିବାରିକ ସମ୍ପର୍କ ଭି ିରେ ନିର୍ଯ୍ୟାତନାକାରୀଙ୍କ ସହ ବାସ କରୁଛନ୍ତି ବା କରୁଥିବେ ତେବେ ସେ କୌଣସି ପାରିବାରିକ ହିଂସାର ସମ୍ମୁଖୀନ ହେଲେ ଏଥିପାଇଁ ଅଭିଯୋଗ କରିପାରିବେ।
- **ଅଭିଯୋଗ କେଉଁଠି କରିବେ ?** ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟର ତ ପ୍ରୋଗ୍ରାମ ଅଫିସର ଯିଏକି ଆଇନ ଅନୁଯାୟୀ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି କିମ୍ବା ପୋଲିସ ଅଧିକାରୀ, ସେବା ପ୍ରବନ୍ଧକ, ସାମାଜିକ ଅନୁଷ୍ଠାନ ବା NGO ବା ସିଧା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଅଭିଯୋଗ କରି ପାରିବେ।

### କଣ ସବୁ ସୁବିଧା ବା ପ୍ରତିକାର ମିଳିବ ?

୧. ଆଇନଗତ ସହାୟତା, ଡାକ୍ତରୀ ସହାୟତା, ଆଶ୍ରୟ ଗୃହରେ ରହିବାର ବ୍ୟବସ୍ଥା ବା ଅଂଶୀଦାରୀ ବାସଗୃହରେ ବାସ କରିବାର ଅଧିକାର ବା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ମୁତାବକ ମହିଳାଟି କଣ ଚାହୁଁଛି ସେ ସବୁକୁ ଦୃଷ୍ଟିରଖି ପ୍ରତିକାର ମିଳିପାରିବ।

୨. ପାରିବାରିକ ହିଂସା ସମ୍ପର୍କୀୟ ମାମଲା ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା କରାଯିବ।

୩. ପାରିବାରିକ ହିଂସା ସମ୍ପର୍କୀତ ଦରଖାସ୍ତଟି ଗ୍ରହଣ କରିବା ତାରିଖ ଠାରୁ ସର୍ବାଧିକ ତିନିଦିନ ସମୟସୀମା ମଧ୍ୟରେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍ ଶୁଣାଣୀର ପ୍ରଥମ ତାରିଖ ଧାର୍ଯ୍ୟ କରିବେ।

୪. ଶୁଣାଣୀ ତାରିଖ ଠାରୁ ସର୍ବାଧିକ ୬୦ଦିନ ସମୟସୀମା ମଧ୍ୟରେ ମାଜିଷ୍ଟ୍ରେଟ୍ ମାମଲାଟିର ବିଚାର ପରିସମାପ୍ତି କରି ଆଦେଶ ଦେଇ ପାରିବେ।

୫. ପ୍ରତିପକ୍ଷ ବା ନିର୍ଯ୍ୟାତନାକାରୀ ଯଦି ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ପାଳନରେ ଅବହେଳା କରନ୍ତି ତେବେ ସେ ସର୍ବାଧିକ ଏକବର୍ଷ ଜେଲଦଣ୍ଡ ବା ସର୍ବାଧିକ କୋଡିଏ ହଜାର ଟଙ୍କା ଜୋରିମାନା ଦଣ୍ଡ ବା ଉଭୟ ପ୍ରକାର ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି।

୬. ସେହିପରି ସୁରକ୍ଷା ଅଧିକାରୀ ଯଦି ତାଙ୍କ କାର୍ଯ୍ୟରେ ଅବହେଳା କରନ୍ତି ତେବେ ସେ ସର୍ବାଧିକ ଏକବର୍ଷ ଜେଲଦଣ୍ଡ ବା ସର୍ବାଧିକ କୋଡିଏ ହଜାର ଟଙ୍କା ଜୋରିମାନା ଦଣ୍ଡ ବା ଉଭୟ ପ୍ରକାର ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି।

୭. ଜଣେ କ୍ଷତିଗ୍ରସ୍ତ ମହିଳା ଏହି ଆଇନ ଅନୁଯାୟୀ ପାରିବାରିକ ହିଂସାରୁ ସୁରକ୍ଷା ପାଇବା ପାଇଁ ପ୍ରତିକାର ଲୋଡିଥିଲେ ହେଁ ଏହି ଆଇନ ସହ ବା ଏହି ଆଇନ ବ୍ୟତିରକେ ଅନ୍ୟ ଯେକୌଣସି ଆଇନ ଅନୁଯାୟୀ ପ୍ରତିକାର ଲୋଡିବାରେ ଏହି ଆଇନ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ।

# ପାରିବାରିକ ହିଂସାର ଉଦାହରଣ

## ଶାରିରୀକ ନିର୍ଯ୍ୟାତନା (PHYSICAL VIOLENCE)

- ମାଡ ମାରିବା
- ଚାପୁଡା ମାରିବା
- ଆଘାତ ଦେବା
- କାମୁଡିବା
- ଗୋଇଠା ମାରିବା
- ମୁଥ ମାରିବା
- ଧକ୍କା ମାରିବା
- ପେଲିକରି ତଳେ ପକାଇ ଦେବା
- ଅନ୍ୟ କୌଣସି ପ୍ରକାରେ ଶାରିରୀକ ଯନ୍ତ୍ରଣା ଦେବା ବା ଆଘାତ ଜନ୍ମାଇବା

## ଯୌନଗତ ନିର୍ଯ୍ୟାତନା (SEXUAL VIOLENCE)

- ବଳପୂର୍ବକ ଯୌନ ସମ୍ପର୍କ
- କାମୋଦ୍ଦୀପକ ବା ଅନ୍ୟାନ୍ୟ ଅଶ୍ଲୀଳ ବିଷୟବସ୍ତୁ ଦେଖିବା ପାଇଁ ବାଧ କରିବା ।
- ଅନ୍ୟମାନଙ୍କ ଆମୋଦପ୍ରମୋଦନିମନ୍ତେ ତୁମକୁ ବଳପୂର୍ବକ ବ୍ୟବହାର କରିବା ।
- ଅନ୍ୟାନ୍ୟ ଯେ କୌଣସି ଯୌନ ସମ୍ପର୍କୀୟ କାର୍ଯ୍ୟକଳାପ, ଯଦ୍ଵାରା ତୁମ୍ଭର ଅସଦାଚରଣ କରାଯାଇଥିବ, ତୁମ୍ଭକୁ ଅମର୍ଯ୍ୟାଦା ଘଟାଯାଇଥିବ ଅଥବା ଅନ୍ୟ କୌଣସି ପ୍ରକାରେ ତୁମ୍ଭର ଇଜ୍ଜତର ହାନି ଘଟିଥିବ ।

## ଆର୍ଥିକ ନିର୍ଯ୍ୟାତନା (ECONOMIC VIOLENCE)

- ତୁମକୁ ତୁମ ଶିଶୁମାନଙ୍କ ଭରଣପୋଷଣ ନିମନ୍ତେ ଅର୍ଥ ପ୍ରଦାନ ନ କରିବା ।
- ତୁମକୁ ବା ତୁମ ଶିଶୁମାନଙ୍କ ନିମନ୍ତେ ଖାଦ୍ୟ, ପୋଷାକ, ଔଷଧ ଇତ୍ୟାଦି ଯୋଗାଇ ଦେବା ।
- ତୁମେ ବାସକରୁଥିବା ଗୃହରୁ ବାହାରି ଯିବା ପାଇଁ ତୁମକୁ ବାଧ କରିବା ।
- ଗୃହ ମଧ୍ୟକୁ ପ୍ରବେଶ କରିବା ବା ଏହାର କୌଣସି ଅଂଶ ବ୍ୟବାହାର କରିବାରେ ତୁମକୁ ବାଧା ଦେବା ।
- ତୁମର କର୍ମ ନିଯୁକ୍ତି ସମ୍ପାଦନ କରିବାରେ ତୁମକୁ ପ୍ରତିରୋଧ କରିବା କିମ୍ୱା ବାଧା ଦେବା ।
- ଏକ ନିଯୁକ୍ତି ଗ୍ରହଣ କରିବାକୁ ତୁମକୁ ଅନୁମତି ପ୍ରଦାନ ନ କରିବା ।
- ରହୁଥିବା ଭଡାଗୃହର ଭଡା ପରିଶୋଧ ନକରିବା ।
- ଲୁଗାପଟା ବା ନିତ୍ୟ ବ୍ୟବହାର୍ଯ୍ୟ ଗୃହ ସାମଗ୍ରୀମାନଙ୍କର ବ୍ୟବହାର କରିବା ପାଇଁ ତୁମକୁ ଅନୁମତି ପ୍ରଦାନ ନ କରିବା ।
- ତୁମକୁ ସୂଚନା ନଦେଇ ଏବଂ ବିନା ସମ୍ମତିରେ ତୁମର ସ୍ତ୍ରୀ ଧନ ବା ଅନ୍ୟ କୌଣସି ମୂଲ୍ୟବାନ ସାମଗ୍ରୀକୁ ବିକ୍ରୟକରିବା ବା ବନ୍ଧକ ପକାଇବା ।
- ତୁମର ଦରମା, ଆୟବା ପାରିଶ୍ରମିକ ଆଦିକୁ ବଳ ପୂର୍ବକ ଛଡାଇ ନେବା ।
- ତୁମର ସ୍ତ୍ରୀ ଧନକୁ ବିନିଯୋଗ କରିବା ।
- ବିଦ୍ୟୁତ୍ ଦେୟ ସମେତ ଅନ୍ୟାନ୍ୟ ଦେୟମାନଙ୍କର ପରିଶୋଧ ନକରିବା ।
- ଅନ୍ୟ ଯେକୌଣସି ଆର୍ଥିକ ନିର୍ଯ୍ୟାତନା ।

## ବାକ୍‌ଜନିତ ଓ ଆବେଗାତ୍ମକ ନିର୍ଯ୍ୟାତନା (VERBAL AND EMOTIONAL VIOLENCE)

- ତୁମ୍ଭର ଚରିତ୍ରବା ଆଚରଣ ଆଦି ପ୍ରତି ଦୋଷାରୋପ କରିବାବା ଆକ୍ଷେପ କରିବା ।
- ଯୌତୁକ ଆଦି ଆଣିନ ଥିବା ନିମନ୍ତେ ଅପମାନ ।
- ଏକ ପୁତ୍ରସନ୍ତାନ ନଥିବାରୁ ଅପମାନ ।
- କୌଣସି ସନ୍ତାନ ନଥିବା ହେତୁ ଅପମାନ ।
- ସମ୍ମାନ ହାନୀ ଜନକ, ଅପମାନ ଜନକ ବା ଅରୁଚିକର ମନ୍ତବ୍ୟ ବା ଉକ୍ତି ।
- ବିଦ୍ରୁପ କରିବା ।
- ଅଭଦ୍ରୋଚିତ ଭାଷା ପ୍ରୟୋଗ କରିବା ।
- ବିଦ୍ୟାଳୟ, ମହାବିଦ୍ୟାଳୟ ବା ଅନ୍ୟାନ୍ୟ ଯେକୌଣସି ଶିକ୍ଷାନୁଷ୍ଠାନରେ ଯୋଗଦାନ ନ କରିବା ନିମନ୍ତେ ତୁମ୍ଭ ପ୍ରତିବଳ ପ୍ରୟୋଗ କରାଯିବା ।
- ଏକ କର୍ମନିଯୁକ୍ତି ଗ୍ରହଣ କରିବାରେ ତୁମକୁ ବାଧାଦେବା ।
- ଗୃହ ପରିତ୍ୟାଗ କରିବାରେ ତୁମ୍ଭକୁ ବାଧା ଦେବା ।
- କୌଣସି ନିର୍ଦ୍ଦିଷ୍ଟବ୍ୟକ୍ତିଙ୍କୁ ସାକ୍ଷାତ କରିବାରେ ତୁମକୁ ବାଧା ଦେବା ।
- ତୁମ୍ଭର ଇଚ୍ଛା ବିରୋଧରେ ବିବାହ କରିବା ନିମନ୍ତେ ତୁମ୍ଭ ପ୍ରତି ବଳ ପ୍ରୟୋଗ କରିବା ।
- ତୁମ ପସନ୍ଦର ଏକ ବ୍ୟକ୍ତିକୁ ବିବାହ କରିବାରେ ତୁମକୁ ବାଧା ଦେବା ।
- ତୁମକୁ ତାଙ୍କର ବା ସେମାନଙ୍କର ନିଜ ପସନ୍ଦର ଏକ ବ୍ୟକ୍ତିଙ୍କୁ ବିବାହ କରିବାକୁ ବାଧ୍ୟ କରିବା ।
- ଅନ୍ୟାନ୍ୟ କୌଣସି ବାକ୍‌ଜନିତ ବା ଆବେଗାତ୍ମକ ନିର୍ଯ୍ୟାତନା ।

**ଏହି ଆଇନ ଦ୍ଵାରା କିଏ ଉପକୃତ ହେବେ ?** ପରିବାରରେ ହିଂସାର ଶିକାର ହେଉଥିବା ମହିଳା, କେବଳ ବିବାହିତା ନୁହଁନ୍ତି ବରଂ ଯେକୌଣସି ମହିଳା ଯଦି ଗୋଟିଏ ପୁରୁଷ ସହ ବିବାହ ସଦୃଶ୍ୟ ସମ୍ପର୍କରେ ରହୁଥିବେ । ଏହା ଛଡା ଝିଅ, ମା, ଭଉଣୀ, ବିଧବା ସ୍ତ୍ରୀ ଲୋକ ଆଦି ଯେଉଁମାନେ ପ୍ରତିପକ୍ଷଙ୍କ ସହ ସମ୍ପର୍କୀତ ହୋଇଥିବେ ।

### ବିଶେଷ ସୂଚନା

ଯେ କୌଣସି ମହିଳା ପାରିବାରିକ ହିଂସାର ଶିକାର ହେଲେ ସେ ସଙ୍ଗେ ସଙ୍ଗେ ନିଜ ଜିଲ୍ଲାରେ ଥିବା ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ନଚେତ୍ ନିଜ ଜିଲ୍ଲାର ସଦର ମହକୁମାରେ ଥିବା ସରକାରୀ ଡାକ୍ତରଖାନା ଭିତରେ ଖୋଲାଯାଇଥିବା ସଖୀ କେନ୍ଦ୍ରକୁ ଯୋଗାଯୋଗ କରି ପାରିବେ । ଏହି କେନ୍ଦ୍ର ୨୪ ଘ ିଆ ଖୋଲା ରୁହେ ।

# ସଖୀ ତରଫରୁ ସଚେତନତା କାର୍ଯ୍ୟକ୍ରମ

ସଖୀ- ୱାନ୍ ଷ୍ଟପ୍ ସେ  ର ତରଫରୁ ପ୍ରତ୍ୟେକ ମାସରେ ସ୍ଥାନୀୟ ଜନସାଧାରଣଙ୍କ ଅବଗତ ନିମନ୍ତେ ନିର୍ଦ୍ଦିଷ୍ଟ ଅ  ଳର ବସ୍ତୀବାସିନ୍ଦା ବିଶେଷତଃ ମହିଳାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ସଖୀ-ୱାନ ଷ୍ଟପ୍ ସେ  ର ଓ ୧୮୧ ମହିଳା ହେଲପ୍ଲାଇନର ମିଳିତ ଉଦ୍ୟମରେ ଏକ ପ୍ରଶ୍ନୋ  ର ଭି  ିକ ଆଲୋଚନା ମାଧ୍ୟମରେ ହୋଇଥାଏ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ଯେଉଁ ମହିଳାମାନେ ଘର ଭିତରେ କି ବାହାରେ ବିଭିନ୍ନ ପ୍ରକାର ହିଂସାର ବା ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି ସେମାନେ କାହାକୁ ଜଣାଇବେ ଓ କେଉଁଠିକୁ ଯିବେ ଜାଣିନାହାନ୍ତି, ସେହିମାନଙ୍କ ଅବଗତି ନିମନ୍ତେ ଏହି ସଚେତନତା କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ସେ ଅ  ଳର କରପୋରେଟର, ସ୍ଥାନୀୟ ପୋଲିସ, ସଖୀ ଓ ୧୮୧ ମହିଳା ହେଲପ୍ଲାଇନର କର୍ମକ  । ଉପସ୍ଥିତ ରହି ହିଂସାରେ ପିଡୀତା ମହିଳାମାନଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥାଏ। ପର୍ଯ୍ୟାୟକ୍ରମେ ୨୦୧୯ ମାର୍ଚ୍ଚ ମାସଠାରୁ ଏପର୍ଯ୍ୟନ୍ତ ସଖୀ ତରଫରୁ କଟକ ସହରାଞ୍ଚଳର ୱାର୍ଡ ନଂ-୪୪, ଖାନ ନଗର, ୱାର୍ଡ ନଂ-୬, ଇମାମପଡା, ରାଣୀହାଟ ଉଚ୍ଚ ବିଦ୍ୟାଳୟ, ୱାର୍ଡ ନଂ-୪, କାଠଯୋଡି, ୱାର୍ଡ ନଂ-୫, ମୁଣ୍ଡାସାହି କାଠଯୋଡି, ୱାର୍ଡ ନଂ-୩୫, ଜୟ ମଙ୍ଗଳା ସାହି, ରାଣିହାଟ, ୱାର୍ଡ ନଂ-୩୪, ମଟାମଠ, ମହାନଦୀ ରଭର ଭ୍ୟାଲି, ୱାର୍ଡ ନଂ-୩୫, ସୁଇପର କଲୋନୀ, ରାଣିହାଟ, ୱାର୍ଡ ନଂ-୪୬, କାଶୀବାବା ମଠ, ନଦୀକୂଳ ସାହି ଓ ୱାର୍ଡ ନଂ-୪୬, ମଂଗଳା ଗଡ଼ ଆଦି ବସ୍ତୀ ଅ  ଳରେ ଏହି ସଚେନତା କାର୍ଯ୍ୟକ୍ରମମାନ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କରିବା ଦ୍ୱାରା ଦେଖାଯାଇଛି ଯେ, ଯେତେ ସବୁ ଅଭିଯୋଗ ପଞ୍ଜିକୃତ ହୋଇଛି ସେଥିରେ ସର୍ବାଧିକ ମହିଳା ନିଜେ ଘରୁ ଗୋଡ କାଢି ଆସି ନିଜର ଅଭିଯୋଗ ପଞ୍ଜିକୃତ କରିଛନ୍ତି। ଆସନ୍ତା ଦିନ ମାନଙ୍କରେ ଏହିଭଳି କାର୍ଯ୍ୟକ୍ରମ ଅନ୍ୟାନ୍ୟ ବସ୍ତୀ, କଲୋନୀ ଓ ସ୍କୁଲ୍ କଲେଜ୍‌ମାନଙ୍କରେ କରାଯିବ।
















ସଖୀର ଦାୟିତ୍ୱ ନେଇଥିବା ସହଯୋଗୀବୃନ୍ଦ

# ସଖୀ ପରିଦର୍ଶନରେ ଆସିଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ


Dr. Amrita Patel, SWRC, W&CD, Govt. of Odisha


Dr. Bonani Samal, HFW Dept., Govt. of Odisha



Dr. Massnr Jahan, Additional Prof. Clinical Psychology and Coordinator, SAKHI OSC, RINPAS, Ranchi


Ms. Chandramukhi Devi, Member, NCW, New Delhi


Prof Dr R. C. Das, HOD, Psychiatrist, KIMS


Team from Srijan Foundation, Ranchi


One Stop Center, Deograh


One Stop Center, Dhenkanal


One Stop Center, Kendrapara


One Stop Center,  Jagatsinghpur

# GLIMPSES...


















## For more information contact-

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9938972817
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org